ନୂଆ ଅଳଙ୍କାର ଆଣ ଗୋ ଦେହେ ଲଗାଇ ଅଙ୍ଗ ॥
ଏମନ୍ତେ ବ୍ରାହ୍ମଣ ଭଣନ୍ତି ଯେ ପୂଜା ବିଧି ସାଙ୍ଗ ।
ଆସ ଗୋ ଅଷତ ନଅ ଗୋ କୁମାରୀଙ୍କୁ ଡାକିଲା ॥
ଧର ଧର ଖଇ ଅଞ୍ଜୁଳି ପୁଷ୍ପ ଅଞ୍ଜୁଳି ଭରିଁ ।
ଚନ୍ଦ୍ରଙ୍କ ଉପରେ ଦିଅ ଗୋ ମନେ ଆନନ୍ଦ [illegible] ॥
କିବାର ଯେ ପୁଷ୍ପ ଘେନିଣ ବେଗେ ଦେଲେ ଅଞ୍ଜୁଳି ।
ହୁଳାହୁଳି ଶବଦେ ପୂରିଲା ଦିଗ ଦିଗ ମଣ୍ଡଳ ॥
ଚନ୍ଦ୍ରଙ୍କୁ ସ୍ତୁତି କରୁଛନ୍ତି ମନେ ଆନନ୍ଦ ହୋଇ ।
ଚନ୍ଦ୍ରମା ନିଜ ଜଣାପଡୁ ଦେହ ଆହେ କୁମୁଦସାଇଁ ॥
ଆମ୍ଭ ମନବାଞ୍ଛା ସଫଳ କର ଆହେ ଗୋସାଇଁ ।
ଆହେ ଶଶଧର ଅମ୍ଭର ତୋ ବିନା କେହି ନାହିଁ ॥
ଏତେକ ବନ୍ଦି ସ୍ତୁତି କରନ୍ତି କୁମରୀ ଯେ ଆନନ୍ଦ ।
ମୁଖ କି ସୁନ୍ଦର ଦିଶେ ଗୋ ସତେ ପୂର୍ଣ୍ଣିମା ଚନ୍ଦ୍ର ।
ଏତେକ କହି ପୂଜା ସାରିଣ ସବେ ଆନନ୍ଦ ହେଲେ ।
ପୁଚି ଖେଳିବାକୁ ସକଳେ ମନେ ବିଚାର କଲେ ॥
ଯୋଡ଼ି ଯୋଡ଼ି ହୋଇ ଖେଳନ୍ତି ଅତି ହରଷ ମନେ ।
ଗୀତ ଗାଇ ସବେ ଖେଳନ୍ତି ହୋଇ ଆନନ୍ଦ ମନେ ॥
ଏହିରୂପେ ଗୀତ ହୋଇଲା ସବେ ପଢ଼ ଆନନ୍ଦେ ।
ମିଶ୍ର ଦିବାକର ଭାଷିଲା ଏଥୁ ଏ ରସ ଛନ୍ଦେ ॥



ଚନ୍ଦନ ବିନ୍ଦୁ କପାଳେ ଗୋ ବୋଲେ ହୁଁ ଗୋ ।
ଖଇନା ଡାକନ୍ତି ଦାଣ୍ଡରୁ ଆରେ ଗୋ; ବାମଙ୍ଗା ଜାହ୍ନି [illegible] ଘରେ ଗୋ
ବୋଲେ ହୁଁ ଗୋ ।
କୁଆଁର ପୁନେଇ ଜହ୍ନ ଗୋ ବୋଲେ ହୁଁ ଗୋ ।
ଏ ବାଟେ ଗଲେ କି ଜଳା କହ୍ନାଇ; ପଢ଼ନ୍ତି କଠାଉ ହେଉ ନିଆଁ,
ବୋଲେ ହୁଁ ଗୋ ।



Digitized by PPRACHIN, SOA

କୁମାରୀ ପଡ଼ନ୍ତେ ମିଲ ଗୋ ବୋଲେ ହୁଁ ଗୋ ।
କୁମାରୀ ପ...ଲ ଡେଲି ଖେଳୁଛନ୍ତି ଦେଉଛନ୍ତି ହୁଳାହୁଳ ଗୋ,
ବୋଲେ ହୁଁ ଗୋ ।

...ଅଁର ଘୁନେଇ ଙ୍କ ଘ ଗୋ ବୋଲେ ହୁଁ ଗୋ ।
କୁମାରୀମାନେ ଯେ ପୂଚ ଖେଳୁଛନ୍ତି ଝୁଣ୍ଟିଆ ଶବଦ ଶୁଣ ଗୋ
ବୋଲେ ହୁଁ ଗୋ ।

କୈଳାସ ଶିଖରେ ରହ ଗୋ ବୋଲେ ହୁଁ ଗୋ ।
କୈଳାସ ନାଥଙ୍କୁ ଭଜନ୍ତି ଯେହୁ ହୋଇଥିଲେ ମହାଯୋଗୀ ଗୋ,
ବୋଲେ ହୁଁ ଗୋ ।

ଗୃହ ...ଗା ଦୁର୍ଗା ପୂଜ ଗୋ ବୋଲେ ହୁଁ ଗୋ
ଦୁର୍ଗାଙ୍କୁ ପୂଜନ୍ତେ ବରଦେବେ ଯେହୁ ହୋଇଥିବା ଅନ୍ନ ଭୋଗୀ ଗୋ,
ବୋଲେ ହୁଁ ଗୋ ।

ଘୃ...ା ବୋଲନ୍ତି ଦୁଝ ଗୋ ବୋଲେ ହୁଁ ଗୋ ।
ଶ୍ରୀକୃଷ୍ଣ ଗୋପଙ୍କେ ଦେଲ ଅରମ୍ଭିଲେ ନାହିଁ ତାଙ୍କ ଦବ'ଘଣ ଗୋ,
ବୋଲେ ହୁଁ ଗୋ ।।

ଦେ ସଖି ବୋଇନ୍ତି ଅବା ଗୋ ବୋଲେ ହୁଁ ଗୋ,
ତୁ ଜାହୁଁଜାଣିବୁ ପିରତ ସୁଆଦ ହୋଇନାହୁଁ ତୁହ ବଭ ଗୋ,
ବୋଲେ ହୁଁ ଗୋ ।

ଶ୍ରୀକୃଷ୍ଣ ନିକୁଞ୍ଜବନେ ଗୋ ବୋଲେ ହୁଁ ଗୋ ।
ନିକୁଞ୍ଜ ବନରେ କେଳି କରୁଛନ୍ତି ଗୋପାଙ୍ଗନା ବଧୂ ସନେ ଗୋ,
ବୋଲେ ହୁଁ ଗୋ ।

Digitized by PPRACHIN, SOA

ଭାଇଙ୍କ ମୁଣ୍ଡେ ଚନ୍ଦନ ଗୋ ବୋଲେ ହୁଁ ଗୋ ।
ପନ୍ଦର ବର୍ଷ ପି ନୂଆ ବୋହୂଙ୍କର ପିମ୍ପୁଡ଼ିଆରେ ମନ ଗୋ,
ବୋଲେ ହୁଁ ଗୋ ।

ଗୋଲାପ ଅତର ପାଣି ଗୋ ବୋଲେ ହୁଁ ଗୋ ।
ଭାଇ ଆଣିଛନ୍ତି ଗୋଲାପ ଫୁଲକୁ ନୂଆବୋହୂ ମନ ଘାଣି ଗୋ,
ବୋଲେ ହୁଁ ଗୋ ॥

ଛିଣ୍ଡେଇ ଅଣିଲ ଝଭା ଗୋ ବୋଲେ ହୁଁ ଗୋ ।
ଭାଇଙ୍କ ପଗଡ଼ି ବୋହୂକୁ ଶୋଭା ଗୋ ମାଳତୀ ଫୁଲର ଲୋଭ ଗୋ,
ବୋଲେ ହୁଁ ଗୋ ।

ଗବ ଗଛ ମୂଳ ଘାଇ ଗୋ ବୋଲେ ହୁଁ ଗୋ
ଗବ ଗଛ ପର ଭାଉଜ ଗୋଟେ ମୋ ମନକୁ ରୁଚଇ ନାହିଁ ଗୋ,
ବୋଲେ ହୁଁ ଗୋ ॥

ବଉଳ ଗଛର ଘାଇ ଗୋ ବୋଲେ ହୁଁ ଗୋ ।
ବନମାଳା ନେଇ ବର ଅସୁଛନ୍ତି କୃଷ୍ଣକୁ ମଣ୍ଡିବା ପାଇଁ ଗୋ,
ବୋଲେ ହୁଁ ଗୋ ।

ଅତୁଆ ଛେଳର ଘାଇ ଗୋ ବୋଲେ ହୁଁ ଗୋ
ଅତୁଆ ମୂଳରେ ଗାତୁଆ ଶୋଇଛନ୍ତି ଡାକିଲେ ଶୁଣଇ ନାହିଁ ଗୋ,
ବୋଲେ ହୁଁ ଗୋ ॥

ଭେଣ୍ଡି ଗଛ ମୂଳ ଘାଇ ଗୋ ବୋଲେ ହୁଁ ଗୋ
ଭେଣ୍ଡି ଗଛ ମୂଳେ ଭେଣ୍ଡିଆ ଶୋଇଛନ୍ତି ଡାକିଲେ ଶୁଣଇ ନାହିଁ ଗୋ,
ବୋଲେ ହୁଁ ଗୋ ।

Digitized by PPRACHIN, SOA

ବରୁଣ ଗଛର ଛାଇ ଗୋ ବୋଲେ ହୁଁ ଗୋ
ବ୍ରହ୍ମାଣ୍ଡ ସୁନ୍ଦରୀ ବର ଅସୁଛନ୍ତି ବନମାଳ ଦେବା ପାଇଁ ଗୋ,
ବୋଲେ ହୁଁ ଗୋ ॥

କମଳା ଗଛର ଛାଇ ଗୋ ବୋଲେ ହୁଁ ଗୋ ।
କମଳା ମୂଳରେ ବିମଳା ଶୋଇଛି ଡାକିଲେ ଶୁଣଇ ନାହିଁ ଗୋ,
ବୋଲେ ହୁଁ ଗୋ ।

ମାଳଞ୍ଚ ଫୁଲର ଛାଇ ଗୋ ବୋଲେ ହୁଁ ଗୋ ।
ମାଳତୀ ମାଳାକୁ ଗୁନ୍ଥିଣ ନେଇଛି ବର ବରିବାର ପାଇଁ ଗୋ,
ବୋଲେ ହୁଁ ଗୋ ॥

କେତକୀ ଗଛର ଛାଇ ଗୋ ବୋଲେ ହୁଁ ଗୋ ।
କେତକୀ ଫୁଲଟି ବାସ କରି ଅଛି ମନ ମୋହିବାର ପାଇଁ ଗୋ
ବୋଲେ ହୁଁ ଗୋ ।

କଦମ୍ବ ଗଛର ଛାଇ ଗୋ ବୋଲେ ହୁଁ ଗୋ ।
କଦମ୍ବ ମାଳକୁ ଭୂଷଣ ହୋଇଲେ ଶ୍ୟାମ କୃଷ୍ଣ ବେନି ଭାଇ ଗୋ,
ବୋଲେ ହୁଁ ଗୋ ॥

ତମାଳ ଗଛର ଛାଇ ଗୋ ବୋଲେ ହୁଁ ଗୋ ।
ତୁମ୍ଭେ ଆମ୍ଭେ ଦୁହେଁ ଫୁଲ ତୋଳିଯିବା ହାତ ଧରା ଧରି ହୋଇ ଗୋ
ବୋଲେ ହୁଁ ଗୋ ।

ଚମ୍ପା ଗଛର ଛାଇ ଗୋ ବୋଲେ ହୁଁ ଗୋ ।
ଚମ୍ପା ଫୁଲ ମାଳ ଗୁନ୍ଥି ରଖିଅଛି ନାଗରଙ୍କୁ ଦେବା ପାଇଁ ଗୋ,
ବୋଲେ ହୁଁ ଗୋ ॥

ମଲ୍ଲିକା ଗଛର ଛାଇ ଗୋ ବୋଲେ ହୁଁ ଗୋ ।
ମଲ୍ଲିମାଳ ଦେଖ ବଳେ କରିଛନ୍ତି ରାଧାଙ୍କୁ ମଣ୍ଡିବା ପାଇଁ ଗୋ,
ବୋଲେ ହୁଁ ଗୋ ।

Digitized by PPRACHIN, SOA